# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 July - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ପୁଲିସ ଆଧୁନିକୀକରଣ ଓ ବ୍ୟବସ୍ଥାରେ ସଂସ୍କାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ– କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ

– ସୋମବାର ବାହୁଡ଼ା ଯାତ୍ରା ପାଇଁ ନାକଚଣା ଦ୍ୱାର ସମ୍ମୁଖରେ ତିନିରଥ ପ୍ରସ୍ତୁତ

- ରାଜ୍ୟବ୍ୟାପୀ ପାଳିତ ହେଉଛି ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ

ଏବଂ

- ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା; ପ୍ରବଳ ବର୍ଷା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

*Desk*

# ପ୍ରଶିକ୍ଷାର୍ଥୀ ତାଲିମ

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରୁ ୧୧୩ ଜଣ ଉପ-ଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀ ତାଲିମ ସମ୍ପୂର୍ଣ୍ଣ କରିଛନ୍ତି । ଏହି ଅବସରରେ ଆଜି ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ସେ କହିଥିଲେ, ଦୀର୍ଘଦିନର ଅଭିଶ୍ରାନ୍ତ ପରିଶ୍ରମ ସହ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବା ଉପଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀମାନେ ସମାଜ ତଥା ଜନତାଙ୍କୁ ଉପଯୁକ୍ତ ସେବା, ସୁରକ୍ଷା ଏବଂ ନିରାପତ୍ତା ପ୍ରଦାନ କରି ରାଜ୍ୟ ପାଇଁ ସୁନାମ ଆଣିବେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଇନ ଶୃଙ୍ଖଳା ରକ୍ଷା ଓ ମାଓ ମୁକାବିଲା କ୍ଷେତ୍ରରେ କର୍ତ୍ତବ୍ୟରତ ସହିଦ୍ ପୁଲିସ କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମାଓ ମୁକାବିଲା କ୍ଷେତ୍ରରେ ରାଜ୍ୟର ସଫଳତା ବିଷୟରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶା ପୁଲିସ୍ ଏ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଆସୁଛି । ଆଗାମୀ ଓଡ଼ିଶା ମାଓମୁକ୍ତ ହେବ ବୋଲି ସେ କହିଥିଲେ । ଅନ୍ୟପକ୍ଷରେ ରାଜ୍ୟ ସରକାର ପୁଲିସ ଆଧୁନିକୀକରଣ ଏବଂ ପୁଲିସ ବ୍ୟବସ୍ଥାରେ ସଂସ୍କାର ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

*CTC*

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୧୫ ତାରିଖ ସୋମବାର ଦିନ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ । ଏହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ଅଭିଯୋଗ ଶୁଣାଣି ହେବ। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଅଭିଯୋଗ ପଞ୍ଜିକରଣ ହେବା ପରେ ଶୁଣାଣି ହେବ ।

ସୂଚନାଯୋଗ୍ୟ, ରାଜ୍ୟରେ ନୂଆ ବିଜେପି ସରକାର ଗଠନ ହେବାପରେ ଚଳିତ ମାସ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମଥର ଲାଗି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ।

*Desk*

## ଷ୍ଟାର୍ଟ-ଅପ୍ ଯୋଜନା

ରାଜ୍ୟରେ ଜାରି ରହିଥିବା ଷ୍ଟାର୍ଟ-ଅପ୍ ଓଡ଼ିଶା ଯୋଜନାରେ କେତେକ ପରିବର୍ତ୍ତନ କରାଯାଇଛି। ଏହି ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ନିର୍ଦ୍ଦେଶକ ଓ ନିର୍ଦ୍ଦେଶକମଣ୍ଡଳୀଙ୍କ ଆର୍ଥିକ କ୍ଷମତାରେ ପରିବର୍ତ୍ତନ କରାଯାଇଛି। ପୂର୍ବ ସରକାରର ସମସ୍ତ ନିର୍ଦ୍ଦେଶାବଳୀକୁ ରଦ୍ଦ କରାଯାଇ ଏମ୍.ଏସ୍.ଏମ୍.ଇ ବିଭାଗ ପକ୍ଷରୁ ନୂତନ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ଷ୍ଟାର୍ଟ-ଅପ୍ ଓଡ଼ିଶା ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ଉପଦେଷ୍ଟା, ଆଉଟ୍‌ସୋର୍ସିଂ କର୍ମଚାରୀ ଏବଂ ନିର୍ମାଣ କାର୍ଯ୍ୟ ପାଇଁ

କ୍ଷମତା ନିର୍ଦ୍ଧାରଣ କରାଯାଇଛି। ଏଥିରେ ନିର୍ବାହୀ ନିର୍ଦ୍ଦେଶକଙ୍କ ଆର୍ଥିକ କ୍ଷମତା ସର୍ବାଧିକ ୧ କୋଟି ଟଙ୍କା ସ୍ଥିର କରାଯାଇଥିବା ବେଳେ ନିର୍ଦ୍ଦେଶକମଣ୍ଡଳୀଙ୍କ କ୍ଷମତା ସର୍ବାଧିକ ୧୦ କୋଟି ଟଙ୍କା ରଖାଯାଇଛି। ବଜେଟ୍ ଏବଂ ସରକାରୀ ନିୟମ ଅନୁପାଳନ କରି ଖର୍ଚ୍ଚ କରିବା ଲାଗି ବିଭାଗୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି।

***Puri***

## ରଥ ଦକ୍ଷିଣମୋଡ଼

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଆଡ଼ପ ଦର୍ଶନ କରୁଛନ୍ତି। ଆଜି ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇଛି। ଗତକାଲି ତିନିରଥ ଦକ୍ଷିଣ ମୋଡ଼ ନେଇ  ଆଜ୍ଞାମାଳ ବିଜେ ହେବା ପରେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ଏବଂ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଦକ୍ଷିଣ ମୋଡ଼ କରାଯାଇଥିଲା। ଏବେ ତିନିରଥ ନାକଚଣା ଦ୍ୱାର ସମ୍ମୁଖରେ ରହିଛି। ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ ରହିଥିବା ବେଳେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବ ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି। ସୋମବାର ଦିନ ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ।

ଅନ୍ୟପକ୍ଷରେ ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବାହୁଡାଯାତ୍ରାକୁ ଶୃଙ୍ଖଳିତ କରିବା ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି। ରଥ ଉପରେ ଆବଶ୍ୟକ ସଂଖ୍ୟାଠାରୁ ଅଧିକ ସେବାୟତ ନ ରହିବା ପାଇଁ ଶ୍ରୀ ପାଢ଼ୀ କହିଛନ୍ତି। ଏଥିସହ ରଥ ଉପରକୁ ମୋବାଇଲ୍ ଫୋନ୍ ନେବାପାଇଁ ନିଷିଦ୍ଧ କରାଯାଇଛି। ଏହାର ଅବମାନନା

କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେବା ସହ ଜଡ଼ିତ ନଥିବା ବ୍ୟକ୍ତିଙ୍କୁ ରଥ ଉପରେ ଚଢ଼ିବାକୁ ବାରଣ କରାଯାଇଛି। ମହାପ୍ରଭୁଙ୍କ ନୀତିକାନ୍ତିକୁ ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଶ୍ରୀ ପାଢ଼ୀ ସେବାୟତମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

***HS/Desk***

## ଗୌରୀଶଙ୍କରଙ୍କ ଜୟନ୍ତୀ

ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା କର୍ମବୀର ଗୌରୀଶଙ୍କର ରାୟଙ୍କର ଆଜି ଜୟନ୍ତୀ ପାଳନ କରାଯାଉଛି । ତାଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା । ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଭାବେ ପରିଚିତ କର୍ମବୀର ଗୌରୀଶଙ୍କର କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ସ୍ୱର ଉତ୍ତୋଳନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟୁଇଟ୍ ଜରିଆରେ କହିଛନ୍ତି, ଭାଷାଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ କାଳଜୟୀ କର୍ମବୀର ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ ଥିଲା।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ଗୌରୀଶଙ୍କର ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ତଥା 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ ଗୌରୀଶଙ୍କର ରାୟଙ୍କ ଜୀବନାଦର୍ଶ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ।

***Ganjam***

## ବିଧାୟକ ଓ ସାଂସଦଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମର ସମ୍ମିଳନୀ କକ୍ଷରେ ନବନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଗୋପାଳପୁର ବିଧାୟକ ତଥା ଇସ୍ପାତ, ଖଣି ବିକାଶ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସହରରେ ପାନୀୟ ଜଳ ସଂକଟ, ପରିମଳ, ରାସ୍ତାଘାଟ, ଟ୍ରାଫିକ ଓ ବିଦ୍ୟୁତ ସମସ୍ୟା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

***Desk***

## +୨ ନାମଲେଖା

ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଏବଂ ଧନ୍ଦାମୂଳକ ଶିକ୍ଷାର ପ୍ରଥମ ବର୍ଷରେ ନାମଲେଖା ନିମନ୍ତେ ଆବେଦନ

ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତା ୨୦ ତାରିଖରେ ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବ । ଏଥିରେ ମନୋନୀତ ଛାତ୍ରଛାତ୍ରୀ ଜୁଲାଇ ୨୨ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ରାଜ୍ୟର ୨ ହଜାର ୩୪୩ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୪୮ ହଜାର ୨୪୯ଟି ଆସନ ରହିଥିବାବେଳେ ନାମ ଲେଖାଇବା ପାଇଁ ୪ ଲକ୍ଷ ୭୧ ହଜାର ୫୮୭ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । କଳା ଶିକ୍ଷାରେ, ରାଜ୍ୟରେ ୩ ଲକ୍ଷ ୧୦ ହଜାର ୧୩୬ ଆସନ ରହିଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୭୩ ହଜାର ୫୪୯, ବାଣିଜ୍ୟରେ ୪୧ ହଜାର ୮୦, ଉପଶାସ୍ତ୍ରୀରେ ୧୩ ହଜାର ୮୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦ ହଜାର ୩୯୬ଟି ଆସନ ରହିଛି। ସୂଚନା ଅନୁସାରେ ଆସନ୍ତା ଅଗଷ୍ଟ ପହିଲାରୁ ଯୁକ୍ତ ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ।

***Nuapada/HS***

## ସଡ଼କ ଦୁର୍ଘଟଣା

ରାଜ୍ୟରେ ପୃଥକ ପୃତକ ସଡ଼କ ଦୁର୍ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି। ବାରିପଦା ସଦରଥାନା ଅନ୍ତର୍ଗତ ଅଣଚାଷ ନମ୍ବର ଜାତୀୟ ରାଜପଥର ଗୁଡ଼ିଖମାରୀ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍‌କୁ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ଆହତ ଯାତ୍ରୀମାନଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

ପାରାଦ୍ୱୀପ ଚଣ୍ଡିଖୋଲ ଜାତୀୟ ରାଜପଥର ଦୋ'ଛକିରେ  ଜଣେ କର୍ତ୍ତବ୍ୟରତ ହୋମଗାର୍ଡଙ୍କୁ ମାଲବାହୀ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ଏ ନେଇ ସ୍ଥାନୀୟ ଲୋକମାନେ ରାଜପଥ ଅବରୋଧ କରିଥିବା ଜଣାପଡ଼ିଛି ।

ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ପାଟଧାରା ଘାଟୀରେ ଭାରସାମ୍ୟ ହରାଇ ଏକ ଦୁଇ ଚକିଆ ଯାନ ୪୦ ଫୁଟ ତଳକୁ ଖସିପଡ଼ିବା ଫଳରେ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଖଗସା ଗ୍ରାମର ବୋଲି ଜଣାପଡ଼ିଛି ।

***Gamjam***

## ରାଜସ୍ୱ ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ୯ଟି ତହସିଲ ଅଧୀନସ୍ଥ ୧୩ଟି ଗ୍ରାମରେ ଚାଲିଥିବା ହାଇଟେକ୍ ସର୍ଭେ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ସରକାରୀ ଜବର ଦଖଲ ଜମି ଚିହ୍ନଟ, ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ପରିବାରକୁ ଆର୍ଥିକ ସହାୟତା ପ୍ରଦାନ, ଭୂମିହୀନଙ୍କୁ ଜମି ଯୋଗାଇବା ଆଦି ବିଷୟରେ ଆଲୋଚନା ହୋଇଛି ।

*Desk*

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସକ୍ରିୟ  ରହିଥିବାରୁ ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆଜି ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଜିଠାରୁ ୪ଦିନ ଯାଏଁ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଜିଠାରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ଏବଂ କେତେକ ସ୍ଥାନରେ ପ୍ରବଳ ଓ ମଧ୍ୟମ ଧରଣର ବର୍ଷା ହେବ। ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାରେ ସର୍ବାଧିକ ୮୩ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଆଜି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କନ୍ଧମାଳ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଅନେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ଏହି ଜିଲ୍ଲାଗୁଡ଼ିକୁ ସତର୍କତା ଜାରି କରାଯାଇଛି ।

*******************************